# ଅତି ପ୍ରିୟ ସଂସ୍କୃତି ବିହାର

• ବୈଷ୍ଣବ ଚରଣ ସାହୁ

ପ୍ରତିଟି ମଣିଷ ମନରେ ଏକ ସାଂସ୍କୃତିକ ଅଭୀପ୍ସା ଲୁଚି ରହିଛି । ମଣିଷଟି ଯେଉଁ ଶ୍ରେଣୀର ହେଉ ନା କାହିଁକି ତାକୁ ସୁହାଇଲା ଭଳି ସାଂସ୍କୃତିକ ପରିବେଶ ବିନା, ତା' ଜୀବନ ଶୁଷ୍କ-ନୀରସ ହୋଇପଡ଼େ । ସାଙ୍ଗସାଥୀଙ୍କ ମେଳରେ ବସି ଗଞ୍ଜେଇ ଟାଣିବାରୁ ଆରମ୍ଭ କରି ସାହିତ୍ୟ-ସଭାରେ ବସି ଆମୋଦିତ ହେବା... ପ୍ରତ୍ୟେକଟି ପରିବେଶ ମଣିଷର ସାଂସ୍କୃତିକ ଅବଚେତନାକୁ ପୋଷଣ କରିଥାଏ । କୌଣସିଟି ପରିବେଶକୁ ଅସାଂସ୍କୃତିକ ମନେ କରିବା ଉଚିତ ନୁହେଁ ।

ଛାତ୍ର ଜୀବନରେ ପାଠ ପଢ଼ିବା ସାଙ୍ଗକୁ ମୋ ଜୀବନରେ ସେମିତି ଏକ ସାଂସ୍କୃତିକ ଅଭୀପ୍ସା ମୋତେ ଆକର୍ଷିତ କରିଥିଲା । କେହି ଖେଳ ପଡ଼ିଆରେ ଫୁଟବଲ ବା କ୍ରିକେଟ ଖେଳୁ ଥିଲା ବେଳେ ମୁଁ କବିତା ରଚନାରେ ନିଜକୁ ହଜାଇ ଦେଉଥିଲି । ସନ୍ଧ୍ୟା ପରେ ନାଟକରେ ଅଭିନୟ କରି ମନର ଅବସାଦକୁ ମେଣ୍ଟାଇ ଦେଉଥିଲି । ଗୀତ ଭଲ ଲେଖୁ ଥିଲି କି ନାହିଁ, ଅଭିନୟ ଭଲ କରୁଥିଲି କି ଅପାରଗ ଥିଲି ଏ ବିଚାର ମୁଁ କରୁନଥିଲି । ଗୀତ, କବିତା ଲେଖିବା / ଅଭିନୟ କରିବା ମୋ ପାଇଁ ଥିଲା ଏକ ସୁନ୍ଦର-ସହଜ ଅପରିହାର୍ଯ୍ୟ ସାଂସ୍କୃତିକ ପରିବେଶ ।

ସଂସ୍କୃତି ବିହାର ପ୍ରତିଷ୍ଠା ହେଲା ୧୯୬୩ ମସିହାରେ । ମୋର ସଂସ୍କୃତି ବିହାର ସହିତ ସମ୍ପର୍କ ସ୍ଥାପିତ ହେଲା ୧୯୬୬ ମସିହାରେ – ବାଲ୍ୟବନ୍ଧୁ ଶ୍ରୀ ଅମରେନ୍ଦ୍ର କରଙ୍କ ମାଧ୍ୟମରେ । ମୁଁ ଥିଲି ୨୬ ବର୍ଷର କଲେଜ ଛାତ୍ର । ସଂସ୍କୃତି ବିହାର ମୋତେ ପରିଚୟ କରାଇ ଦେଲା ବୈଷ୍ଣବ ପାଣିଙ୍କ ସୀମାହୀନ ଯାତ୍ରା-ସମୁଦ୍ର ସହିତ । "ବିରାଟ ଗୋଧନ ହରଣ"ର ମୁଖ୍ୟ ଭୂମିକା ଅର୍ଜୁନ (ବୃହନ୍ନଳା) ଭୂମିକା ଥିଲା ମୋ ଯାତ୍ରା ଅଭିନୟର ପ୍ରଥମ ସ୍ତବକ ।

ଗୁରୁ ୰ଧିରେନ୍ ଦାଶଙ୍କର ମଞ୍ଚ ପରିକଳ୍ପନା ଏବଂ ଯାତ୍ରା ଭଙ୍ଗୀର ପ୍ରଥମ ନିର୍ଦ୍ଦେଶନା ମୋ ପାଇଁ ଥିଲା ଅପୂର୍ବ ଅନୁଭୂତି । ତାପରେ ବୈଷ୍ଣବ ପାଣିଙ୍କର ଗୋଟିଏ ପରେ ଗୋଟିଏ ଯାତ୍ରା – କର୍ଣ୍ଣବଧ.. ମେରୁଶୂଳ ବଧ, ଦ୍ରୋଣାଚାର୍ଯ୍ୟ ବଧ, ଅଭିମନ୍ୟୁ ବଧ, ସପ୍ତଶତୀ ଚଣ୍ଡୀ ମଞ୍ଚସ୍ଥ ହୋଇ ଚାଲିଥାଏ ପ୍ରତିବର୍ଷ ବାଲିଯାତ୍ରାର "କାର୍ତ୍ତିକ ଉତ୍ସବ" ଉପଲକ୍ଷେ'... ଗଡ଼ଖାଇର ପ୍ରାକୃତିକ ମଞ୍ଚ "ବିରାଟ ପ୍ରେକ୍ଷାରେ" । ସେ ଉନ୍ମାଦନା ଭୁଲିବା ସହଜ ନୁହେଁ ।

ଦୂରଦର୍ଶନରେ ଯାତ୍ରା ପରିବେଷଣ କରିବାର ସୌଭାଗ୍ୟ ମୋ ପାଇଁ ସମ୍ଭବ ଥିଲା ସଂସ୍କୃତି ବିହାର ପାଇଁ । ସଂସ୍କୃତି ବିହାର କେବଳ ଯାତ୍ରା ବା ନାଟକ ପାଇଁ ମୋର ପ୍ରିୟ ଅନୁଷ୍ଠାନ ହୋଇ ନ ଥିଲା । ସଂସ୍କୃତି ବିହାରର ପରିବେଶ ଥିଲା ସୁସଂସ୍କୃତ । ଉଚ୍ଚଶିକ୍ଷିତ ଯୁବକ, କଟକର ବରିଷ୍ଠ ଏବଂ ଗରିଷ୍ଠ କଳାପ୍ରେମୀ, ବୟସ୍କ ବିଦ୍ୱାନ ମଣ୍ଡଳୀଙ୍କ ସଂପର୍କରେ ଆସି ମୁଁ ଧନ୍ୟ ହେଲି କେବଳ ସଂସ୍କୃତି ବିହାର ପାଇଁ । ଆଜି ମନେ ପଡ଼ନ୍ତି ଓଡ଼ିଶାର ସ୍ୱନାମଧନ୍ୟ ମଞ୍ଚ ବିଶେଷଜ୍ଞ ନାଟ୍ୟଗୁରୁ ୰ଧୀରେନ୍ ଦାଶ, ବାଗ୍ମୀ ଓ କବି ୰ ମନମୋହନ ମିଶ୍ର । ସଙ୍ଗୀତଗୁରୁ କିଶୋରକବି ୰ ଶ୍ୟାମସୁନ୍ଦର ଦାସ, ବରିଷ୍ଠ ପ୍ରଶାସକ ଓ କଳାପ୍ରେମୀ ୰ ଶ୍ୟାମସୁନ୍ଦର ପରିଜା, ବେତାର କେନ୍ଦ୍ରର ହାସ୍ୟ ରସିକ ମଉସା ୰କୃଷ୍ଣ ପାଣ୍ଡେ । ସଂସ୍କୃତି ବିହାର କେବଳ ଏକ ନାଟ୍ୟ ସଂସ୍ଥା ସୃଷ୍ଟି କରିନାହିଁ ସୃଷ୍ଟି କରିଛି ଏକ ନୂତନ ପୃଥିବୀ । ଦୀର୍ଘ ପଚାଶ ବର୍ଷର ଅବଧିରେ ଯେଉଁ ସଭ୍ୟମାନେ ସଂସ୍କୃତି ବିହାରର ପ୍ରାଣକେନ୍ଦ୍ର ଭାବରେ କର୍ମ କରିଛନ୍ତି ସେମାନଙ୍କୁ ଯଥା : ଅଧ୍ୟାପକ ସରୋଜ କୁମାର ସିଂହ, ଡକ୍ଟର ନିର୍ମଳକାନ୍ତି ସେନ, ଡକ୍ଟର ବିଜୟ ମୋହନ ମିଶ୍ର, ନାଟ୍ୟକାର ଚନ୍ଦ୍ରଶେଖର ମିଶ୍ର, ନାଟ୍ୟଶିଳ୍ପୀ, ନିର୍ଦ୍ଦେଶକ ନାରାୟଣ ସିଂହ, ସଙ୍ଗୀତ ନିର୍ଦ୍ଦେଶକ ଚୌଧୁରୀ ଭାରତୀକୃଷ୍ଣ ଦାଶ, ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକ, କର୍ମବୀର ଜାନକୀ ବଲ୍ଲଭ ଦାଶ ଓ ମାୟାଧର ପ୍ରଧାନ ପ୍ରଭୃତିଙ୍କର ଅମାୟିକ ଭାତୃପ୍ରେମ ଓ ବନ୍ଧୁତ୍ୱପୂର୍ଣ୍ଣ ସାନ୍ନିଧ୍ୟ ଲାଭ କରି ମୁଁ ନିଜକୁ ଏକ ନୂତନ ପୃଥିବୀର ମଣିଷ ବୋଲି ମନେ କରୁଛି ।

କଟକର ବରିଷ୍ଠ-ଗରିଷ୍ଠ ନେତୃମଣ୍ଡଳୀ ବାରିଷ୍ଟର ୰ରଣଜିତ ମହାନ୍ତି, ପ୍ରଫେସର ହୃଦାନନ୍ଦ ରାୟ, ପ୍ରକାଶକ ଶ୍ରୀ ରଣଜିତ ସିଂହ, ଇଂ. ଶ୍ରୀ ବୀରେନ୍ ରାଉତରାୟ ତଥା ଉତ୍ସର୍ଗୀକୃତ ଯୁବଗୋଷ୍ଠୀଙ୍କର ନିଷ୍କପଟ ଅବଦାନ ଫଳରେ ସଂସ୍କୃତି ବିହାର ୫୦ ବର୍ଷରେ ପଦାର୍ପଣ କରିବା ପାଇଁ ସକ୍ଷମ ହୋଇ ପାରିଛି ।

ବିସ୍ମୃତି ଗର୍ଭରେ ଲୀନ ହେବାକୁ ଯାଉଥିବା ଓଡ଼ିଆ ଲୋକନାଟ୍ୟ 'ଯାତ୍ରା' ଏବଂ 'ଗୀତିନାଟ୍ୟ'କୁ ଅର୍ଦ୍ଧଶତାବ୍ଦୀର ପରିକ୍ରମା ଭିତରେ ପୁନଃ ପ୍ରତିଷ୍ଠା କରାଇ ପାରିଛି ସଂସ୍କୃତି ବିହାର । ଓଡ଼ିଶାର ସ୍ମରଣୀୟ ତିଥି "ଉତ୍କଳ ଦିବସ" ଉପଲକ୍ଷେ ଭାରତର ବିଭିନ୍ନ ରାଜ୍ୟରେ ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗ, ଯାତ୍ରା ପରିବେଷଣ ପାଇଁ ଆମକୁ ଯେଉଁ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି, ତାହା ଅବିସ୍ମରଣୀୟ ।

ଓଡ଼ିଶାର ସ୍ୱନାମଧନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଅଧୁନା ଆସାମ ପ୍ରଦେଶର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ମହାଭାଗ, ସଂସ୍କୃତି ବିହାରର ଜଣେ ଅପ୍ରତିଦ୍ୱନ୍ଦୀ ପ୍ରଶଂସକ । ତାଙ୍କର ଶୁଭେଚ୍ଛା ପାଇଁ ସଂସ୍କୃତି ବିହାର "ସ୍ୱର୍ଣ୍ଣ ଜୟନ୍ତୀ" (୨୦୧୩) ଅବସରରେ ଆସାମ ରାଜଧାନୀ ଗୌହାଟୀରେ ଗୀତିନାଟ୍ୟ ପରିବେଷଣ କରିପାରିଛନ୍ତି । ପଚାଶ ବର୍ଷର ବିଗତ ବର୍ଷମାନଙ୍କରେ ସଂସ୍କୃତି ବିହାରର ଇତିହାସକୁ ଏଇ କେତେ ମାତ୍ର ପୃଷ୍ଠାରେ ସ୍ଥାନ ଦେବା ଅସମ୍ଭବ ।

"ସଂସ୍କୃତି ବିହାର" ମୋର ଅତି ପ୍ରିୟ ଅନୁଷ୍ଠାନ । ଏଥିରେ ସଂଶ୍ଳିଷ୍ଟ ନିଃସ୍ୱାର୍ଥପର ସଭ୍ୟମାନଙ୍କର ଅକୁଣ୍ଠିତ ପରିଶ୍ରମ, ଅସୀମ ଧୈର୍ଯ୍ୟ ଏବଂ ଅବିଚଳିତ ଭାବମୂର୍ତ୍ତି ମୋତେ ପ୍ରଥମରୁ ପ୍ରଭାବିତ କରି ଆସିଛି । ଜୀବନର ଅବସର ସମୟକୁ କଳା ଏବଂ ସାହିତ୍ୟ ପାଇଁ ବିନିଯୋଗ କରିବା ଉଦ୍ଦେଶ୍ୟରେ କେତେକ ଯୁବଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇବାରେ ସଂସ୍କୃତି ବିହାର ଏକ ଅଗ୍ରଗାମୀ ଅନୁଷ୍ଠାନ । ସଂସ୍କୃତିବିହାରରେ ନାହିଁ ଆତ୍ମବଡ଼ିମା, ଏଥିରେ ଅଛି ଆତ୍ମ ସମର୍ପଣ... ଜାତି ଓ ମାତୃଭୂମି ପ୍ରୀତି । ଓଡ଼ିଶା ଏବଂ ଓଡ଼ିଆ ଭାଷାର ପରାକାଷ୍ଠାକୁ ଯୁଗ ଯୁଗ ପାଇଁ ଅକ୍ଷୁର୍ଣ୍ଣ ଓ ଅମର ରଖିବା ପାଇଁ ଏହା ଏକ ସମର୍ପିତ ଜୀବନ । ଏହା କେବଳ ଭାଷାର ଚାଟୁକ୍ତି ନୁହେଁ... ବାସ୍ତବ କ୍ଷେତ୍ରରେ ଚିରନ୍ତନ ସତ୍ୟ ରୂପେ ଅଦ୍ୟାବଧି ସଂଜୀବିତ ଅଛି ।

ମୋର ଅତିପ୍ରିୟ ଅନୁଷ୍ଠାନ ସଂସ୍କୃତିବିହାର ଆମ୍ଭମାନଙ୍କର ମାନସ-ମହୋଦଧିର "ଅମୃତ-ସନ୍ତାନ" । ଏହା ଯୁଗଜୟୀ, ଚିରଞ୍ଜିବୀ ହୋଇ ଅନନ୍ତ କାଳ ପାଇଁ, ପିଢ଼ି ପରେ ପିଢ଼ି ଅତିକ୍ରମ କରି ବଞ୍ଚି ରହୁ ଏବଂ ରହିବ ।

*ମଙ୍ଗଳାବାଗ, ମହ୍ଲା ସାହି, କଟକ*